
Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୯
Volum. - 22 ■ Issue No.- 09
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୦୨ ଜାନୁଆରୀ - ୦୮ ଜାନୁଆରୀ ୨୦୨୨ / 02 Jan. - 08 Jan. 2022 / Odia Weekly / 8 Pages / Rs.2/- only

## ଓମିକ୍ରନ୍ ସଂକ୍ରମଣ ରୋକିବାକୁ ଅଂଟା ଭିଡ଼ିଲା ବଲାଙ୍ଗିର ଜିଲ୍ଲା ପ୍ରଶାସନ : ନୂଆଁବର୍ଷ ପାଳନ ପାର୍ଟି, ପିକ୍‌ନିକ୍, ଜିରୋ ନାଇଟ୍ ସେଲିବ୍ରେସନ୍ ବନ୍ଦ... ଦେବଦର୍ଶନ ବି ମନା

ବଲାଙ୍ଗିର, (ନିପ୍ର) : ସାରା ବିଶ୍ୱରେ ଓମିକ୍ରନ୍ ସଂକ୍ରମଣ ଆତଙ୍କ ସୃଷ୍ଟି କରିଥିବା ବେଳେ ଭାରତରେ ମଧ୍ୟ ତାର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି । ଓଡ଼ିଶାରେ ବି ନିଜର ସ୍ଥିତି ଜାହିର୍ କରିବା ସହ ସଂକ୍ରମଣ ପ୍ରଭାବକୁ ବଳିଷ୍ଠ କରିବାରେ ଲାଗିଛି ଓମିକ୍ରନ୍ । ଏହି କ୍ରମରେ ସଂକ୍ରମର ରୋକିବା ଦିଗରେ ଅଂଟା ଭିଡ଼ିଛି ବଲାଙ୍ଗିର ଜିଲ୍ଲା ପ୍ରଶାସନ । ନୂଆବର୍ଷ ପାଳନ ଅବସରରେ ପାର୍ଟି, ପିକ୍‌ନିକ୍, ଜିରୋ ନାଇଟ୍ ସେଲିବ୍ରେସନ୍‌କୁ ବାରଣ କରାଯାଇଥିବା ବେଳେ ସମସ୍ତ ପ୍ରକାର ଜନଗହଳିକୁ ରୋକିବା ନିମନ୍ତେ କୋଭିଡ୍ କଟକଣା ବଳବତ୍ତର କରାଯାଇଛି । ବଲାଙ୍ଗିର ଦେବୋତ୍ତର ବିଭାଗ ପକ୍ଷରୁ




ସ୍ଥାନୀୟ ଗୋପାଳଜୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, (ଦ୍ୱିତୀୟ ପୃଷ୍ଠା ଦେଖନ୍ତୁ)




ନବବର୍ଷ - ୨୦୨୨ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରିରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ନୂଆବର୍ଷ ୨୦୨୨ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାକୁ ଏକ ସମୃଦ୍ଧ ଓ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

କରୋନାର ଭୟ ଏବେ ବି ଦୂର ହୋଇନାହିଁ । ସତର୍କ ରହିଲେ ଆମେ ଏହାର ମୁକାବିଲା କରିପାରିବା । ତେଣୁ ମୋର ଅନୁରୋଧ, ନିଜର ଓ ନିଜ ପରିବାରର ସୁରକ୍ଷା ପାଇଁ ଆପଣମାନେ ସମସ୍ତେ କୋଭିଡ ନିୟମ କଡ଼ାକଡ଼ି ଭାବେ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ନବବର୍ଷ-୨୦୨୨ ଶୁଭ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ସମସ୍ତଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହା ହିଁ କାମନା କରୁଛି ।

ନୂଆ କରୋନା ଭୂତାଣୁ ଓମିକ୍ରନ ସଂକ୍ରମଣରୁ ଦୂରେଇ ରହିବା ପାଇଁ ଆପଣମାନେ କୋଭିଡ୍ ନିୟମାବଳୀ ସଠିକ୍ ଅନୁପାଳନ ପୂର୍ବକ ନୂତନ ବର୍ଷ ପାଳନ କରିବାକୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-59 OIPR-15001/13/0100/2122













# ଡ୍ରାଗନ୍‌କୁ ଚେକ୍‌ମେଟ୍

**ସୌମେନ୍ଦ୍ର ଜେନା**



ସାରା ପୃଥିବୀକୁ ନିଜର ଷଡଯନ୍ତ୍ରପୂର୍ଣ୍ଣ ଲୁଟନୀତି ମାଧ୍ୟମରେ ସମସ୍ତଙ୍କୁ ଠକିଥିବା ଚୀନକୁ ନିଜର ସଶକ୍ତ କୂଟନୀତି ବଳରେ ଦୁର୍ବଳ କରିବାକୁ ଭାରତ ଏବେ ସକ୍ଷମ ହୋଇଛି । ଆମେରିକାଠାରୁ ରୁଷିଆ, କେନ୍ଦ୍ର ଏସିଆରୁ ଆଫ୍ରିକା, ଅଷ୍ଟ୍ରେଲିଆରୁ ଦକ୍ଷିଣ ଆମେରିକା, ମଧ୍ୟପ୍ରାଚ୍ୟଠାରୁ ଇଉରୋପ ଓ ସାର୍କ ଦେଶ ସମୂହ ପର୍ଯ୍ୟନ୍ତ ସବୁଠି ଡ୍ରାଗନର ଚାଲକୁ ମୋଦି ଚେକ୍‌ମେଟ ଦେବାରେ ଲାଗିଛନ୍ତି । ଏପରିକି ଆଫଗାନିସ୍ଥାନ, ଇରାନ ଓ ପାକିସ୍ଥାନ ପରି ଦେଶରେ ଚୀନ ବା ଡ୍ରାଗନକୁ ଯେପରି ବିରୋଧ ହେଉଛି ସେଥିରେ ଚୀନର କୂଟନୀତିଜ୍ଞ ଏବଂ ସରକାର ଚକିତ ହୋଇଛନ୍ତି । ତାଲିବାନଠାରୁ ତାଇପେଇ ପର୍ଯ୍ୟନ୍ତ ସବୁଠି ଏବେ ଚୀନ ପାଇଁ ଚେକମେଟ ଚାଲୁ ରହିଛି । ଭାରତର ସୀମାରେ ଅଧିକରୁ ଅଧିକ ସୈନ୍ୟବଳ ଠୁଳ କରି ନାଲିଆଖି ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଥିବା ଚୀନର ଯୋଜନା ସଫଳ ହୋଇନାହିଁ । ଦେଶ ବାହାରକୁ ନ ଯାଇ ଜିନପିଙ୍ଗ୍ ଯେତେ ସବୁ ଯୋଜନା ଭାରତକୁ ଘେରିବା ପାଇଁ କରୁଛନ୍ତି ସେସବୁ ଫସର ଫାଟିବାରେ ଲାଗିଛି । ଭାରତର ଗୋଟି ଚାଳନାରେ ଚୀନର ସଂପର୍କ ବିଦେଶରେ ଦୁର୍ବଳ ହେବାରେ ଲାଗିଛି ।

କହିବାକୁ ଗଲେ ଚୀନ ପୃଥିବୀରେ ଯେତେ ସବୁ ଋଣ ପ୍ରଦାନ କରିଛି ତହିଁରୁ ଅଧିକ ଋଣ ଆଫ୍ରିକା ମହାଦେଶରେ ଦେଇଛି । ନିକଟରେ କୋରୋନା ଭୂତାଣୁ ଓମିକ୍ରନ ଆଫ୍ରିକାରେ ଲୋକଙ୍କୁ ସଂକ୍ରମିତ କରିବା ପରେ ଯେପରି ସାରା ବିଶ୍ୱରେ ଏହାକୁ କେନ୍ଦ୍ର କରି ଆଶଙ୍କା ପ୍ରକାଶ ପାଇଲା ଓ ସଙ୍ଗେ ସଙ୍ଗେ ଆମେରିକା ସମେତ ଅନେକ ରାଷ୍ଟ୍ର ଆଫ୍ରିକାକୁ ବିମାନଯାତ୍ରା ଉପରେ କଟକଣା ଜାରି କଲେ, ତଦ୍ୱାରା ଆଫ୍ରିକାରେ ସଙ୍କଟ ଅଧିକ ହେବାର ଆଶଙ୍କା ଦେଖା ଦେଲା । ଗୋଟିଏ ପଟେ ପୃଥିବୀରେ ୫୯.୬ ପ୍ରତିଶତ ଲୋକଙ୍କ ଟୀକାକରଣ ହେଲାବେଳେ ଆଫ୍ରିକା ମହାଦେଶରେ ମାତ୍ର ୮ ପ୍ରତିଶତ ଲୋକଙ୍କୁ ଟୀକାମିଳିବା ଭବିଷ୍ୟତର ଆଶଙ୍କାକୁ ବଢାଇ ଦେଇଛି । ଏହା ଯୋଗୁ ଆଫ୍ରିକାରେ ସ୍ୱାଭାବିକ ଯୋଗାଣ ଓ ବାଣିଜ୍ୟ ବ୍ୟବସାୟ ଯଥେଷ୍ଟ ବ୍ୟାହତ ହେବ । ଆର୍ଥିକ ଚାପରେ ରହିଥିବା ଏହି ମହାଦେଶର ଗରିବ ଦେଶଗୁଡିକ ପାଇଁ ମୁଣ୍ଡରେ ଚଡକ ପଡିଲା ପରି ସମୟ ଆସିଛି ବୋଲି କହିବା ଠିକ୍ ହେବ । କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ମୋଦି ବିକାଶଶୀଳ ରାଷ୍ଟ୍ରମାନଙ୍କର ଟୀକା ଯୋଗାଣ ରୋକିବା ନୀତିକୁ ବିରୋଧ କରିବା ସହ ତାହା ଔପନିବେଶିକ ମାନସିକତା ବୋଲି କହି ପରୋକ୍ଷରେ ସମାଲୋଚନା କରିଛନ୍ତି । ଅପରପକ୍ଷେ ଭାରତ ପୂର୍ବବତ୍ ସମସ୍ତ ପ୍ରକାର ସାହାଯ୍ୟ ଆଫ୍ରିକାର ଦେଶଗୁଡିକୁ ଯୋଗାଇ ଦେବ ବୋଲି କହି କୋଭାକ୍ସ ଅନ୍ତର୍ଗତ ସମସ୍ତ ଅଗ୍ରୀମ ଯୋଗାଣକୁ ଅନୁମତି ଦେଇ ଆଫ୍ରିକାର ମାଲାୱି, ଇଥିଓପିଆ, ଜାମ୍ବିଆ, ମୋଜାମ୍ବିକ, ଗିନିଆ, ଲେସେଥୋ, ବୋତସୱାନାକୁ କୋଭିସିଲଡ୍ ଟୀକା ଯୋଗାଣକୁ ଅନୁମତି ପ୍ରଦାନ କରିଛନ୍ତି । ଓମିକ୍ରନ ବିରୋଧରେ ଲଢିବା ପାଇଁ ଜୀବନ ରକ୍ଷାକାରୀ ଔଷଧ, ପରୀକ୍ଷାକିଟ, ଗ୍ଲୋବ୍ସ, ପିପିଇ କିଟ୍, ଭେଣ୍ଟିଲେଟର ଆଦି ଯୋଗାଇବାକୁ ମୋଦି ଘୋଷଣା କରିଛନ୍ତି । ପୂର୍ବରୁ ଆଫ୍ରିକାର ୪୧ଟି ଦେଶକୁ ୨୫୦ଲକ୍ଷ ଭାରତରେ ପ୍ରସ୍ତୁତ ଟୀକା ଯୋଗାଇ ଦିଆଯାଇଥିଲା । ତନ୍ମଧ୍ୟରେ ୧୬ଟି ଦେଶକୁ ୧୦ଲକ୍ଷ ଟୀକା ଅନୁଦାନ ଭାବେ ଏବଂ ୧୬୦ଲକ୍ଷ ଟୀକା ୩୩ଟି ଦେଶକୁ କୋଭାକ୍ସ କାର୍ଯ୍ୟକ୍ରମରେ ପଠାଯାଇଥିଲା । ଭାରତରେ ଦ୍ୱିତୀୟ ଲହର ସଂକ୍ରମଣ ଯୋଗୁ ସରକାର ଦେଶ ବାହାରକୁ ଟୀକା ଯୋଗାଣ ଉପରେ କଟକଣା ଲଗାଇଥିଲେ ଯାହା ଦେଶରେ ୧୪୫ କୋଟି ଟୀକାକରଣ ପରେ ଉଠାଇ ଦିଆଯାଇଛି । ଗତ ବର୍ଷ ଡିସେମ୍ବର ୩୧ତାରିଖ ସୁଦ୍ଧା ଭାରତ ବିଦେଶକୁ ୧୧୫୪.୧୭୩ଲକ୍ଷ ଟୀକା ଯୋଗାଇଛି । ସେହିପରି ୩୩୨.୧୪୫ଲକ୍ଷ ଟୀକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାଧ୍ୟମରେ ଚାଲୁଥିବା କୋଭାକ୍ସ କାର୍ଯ୍ୟକ୍ରମ ପାଇଁ ଦେଇଛି । ଟୀକାମୈତ୍ରୀ କାର୍ଯ୍ୟକ୍ରମରେ ମିତ୍ର ଦେଶକୁ ଭାରତ ପକ୍ଷରୁ ମାଗଣାଟୀକା ଦାନସ୍ୱରୂପ ପ୍ରଦାନ କରାଯାଇଥିଲା । ତେବେ ନିକଟରେ ଚୀନ-ଆଫ୍ରିକା ଆଲୋଚନା ସେନେଗାଲର ଡକାରଠାରେ ଅନୁଷ୍ଠିତ ହୋଇଥିଲା ବେଳେ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ଆଭାସୀ ଆଲୋଚନାରେ ୬୦୦ ମିଲିଅନ ଟୀକା ସିଧାସଳଖ ଆଫ୍ରିକା ଦେଶଗୁଡିକ ପାଇଁ ଦାନ କରିବାକୁ ଘୋଷଣା କରିଥିଲେ । ପ୍ରତିଶ୍ରୁତି ଅନୁଯାୟୀ ଚୀନ ପକ୍ଷରୁ ଆଫ୍ରିକାରେ ପ୍ରକୃତରେ କେତେ ଟୀକା ପହଞ୍ଚିବ ତାହା ଭବିଷ୍ୟତ କହିବ । ହେଲେ ମୋଦି ଆଫ୍ରିକାର ଭିନ୍ନ ଭିନ୍ନ ଦେଶକୁ ଟୀକାଯୋଗାଣ ପାଇଁ ବୈଦେଶିକ ବ୍ୟାପାର ବିଭାଗକୁ ଅନୁମତି ସହ ନିର୍ଦ୍ଦେଶ ଦେବାପରେ ଭାରତରୁ ଟୀକା ଯୋଗାଣ ଆରମ୍ଭ ହୋଇଗଲା । କାରଣ ଆଫ୍ରିକା ମହାଦେଶରେ ପୂର୍ବପରି ଏବେ ଆଗୁଆ ଟୀକା ଯୋଗାଇ ଡ୍ରାଗନକୁ ଚେକମେଟ୍ ଦେବାକୁ ମୋଦି ଚାହୁଁଛନ୍ତି । ଭାରତରେ ଟୀକାର ଆବଶ୍ୟକତା ହ୍ରାସ ପାଇଥିଲା ବେଳେ ଟୀକା କମ୍ପାନୀମାନଙ୍କ ଉତ୍ପାଦନ ଢେର ବୃଦ୍ଧିପାଇଛି । ଭାରତର ଦୁଇଟି ଟୀକା କୋଭିସିଲ୍ଡ ଏବଂ କୋଭାକ୍ସିନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରୁରୀ ବ୍ୟବହାର ପାଇଁ ଅନୁମତି ମଧ୍ୟ ଦେଇସାରିଛି ।

ଚୀନର ଚାଲବାଜିକୁ ବିଶ୍ୱରେ ସବୁଠି ଚେକ୍ କରିବା ପାଇଁ ଭାରତ ପ୍ରୟାସ ଜାରି ରଖି ଆମେରିକା-ଜାପାନ-ଅଷ୍ଟ୍ରେଲିଆ ସହ କ୍ୱାଡ ମେଣ୍ଟକରି ସଫଳ ହୋଇଛି । ଏହି ସବୁ ଦେଶ ଏବେ ଚୀନ ପ୍ରତି ସବୁ କ୍ଷେତ୍ରରେ ସହଯୋଗୀ ହୋଇ କାର୍ଯ୍ୟ କରୁଛନ୍ତି । ସେହିପରି ଇଉରୋପୀୟ ୟୁନିଅନର ୨୮ଟି ଦେଶ ସହ ଗତ ପ୍ରାୟ ଦୁଇଦଶନ୍ଧି ଧରି ଚୀନ ଆଞ୍ଜେଲା ମାର୍କେଲଙ୍କ ସହଯୋଗ କ୍ରମେ ବହୁତ ବ୍ୟବସାୟ କରିଆସିଛି । ଚୀନ ଆଜିଯାଏ ଜର୍ମାନୀର ସବୁଠୁ ବଡ ବ୍ୟାବସାୟିକ ସହଯୋଗୀ ରହିଆସିଛି । ୨୦୨୦ରେ ଜର୍ମାନୀ ଚୀନକୁ ୧୧୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିଥିଲାବେଳେ ୧୩୪.୪୮ ବିଲିଅନ ଡଲାର ବସ୍ତୁ ଚୀନରୁ ଆମଦାନୀ କରିଥିଲା । ୧୬ବର୍ଷ ଧରି ଜର୍ମାନୀର ଚାନସେଲର ଥିବା ମର୍କେଲ ୧୨ଥର ଚୀନଗସ୍ତ କରିବା ସହ ବାଣିଜ୍ୟ ପାଇଁ କେବେ ତିବ୍ବତ ସମସ୍ୟା ନେଇ କିଛି କହିନଥିଲେ । କିନ୍ତୁ କୋରୋନା ସମସ୍ୟା ମର୍କେଲଙ୍କ ସ୍ଥିତିକୁ ଦୋହଲାଇ ଦେଲା । ୟୁରୋପୀୟ ଇଉନିଅନର ରାଷ୍ଟ୍ରଗୁଡିକ ମର୍କେଲଙ୍କ ଦୁର୍ବଳ ପରିଚାଳନାକୁ ଦେଖିପାରିଲେ । ମର୍କେଲ କ୍ଷମତାରୁ ଯିବାପରେ ତାଙ୍କ ସ୍ଥାନରେ ଓଲାଫ ସୋଲାଜ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ମର୍କେଲଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିଲେ । ପୂର୍ବରୁ ସେ ଚୀନ ଓ ରୁଷିଆ ସହ ସୀମିତ ସଂପର୍କ ରଖିବାକୁ କହି ସାରିଛନ୍ତି । ଆନାଲେନା ବାଏରେବକ୍ ବୈଦେଶିକ ମନ୍ତ୍ରୀ ହେବା ନିଶ୍ଚିତ । ସେ ଚୀନର କଠୋର ସମାଲୋଚିକା ଭାବେ ପରିଚିତ । ଇୟୁର ନେତୃତ୍ୱ ନେଉଥିବା ଜର୍ମାନୀର କ୍ଷମତା ପରିବର୍ତ୍ତନ ପରେ ଚୀନ ପ୍ରତି ନୀତିର ପରିବର୍ତ୍ତନ ହେବା ଜଣାପଡିଲାଣି ଯାହା ଜିନପିଙ୍ଗଙ୍କ ଚିନ୍ତା ବଢାଇଦେଇଛି । ଏହାହେଲେ ଇଉରୋପରେ ଚୀନର ପ୍ରବେଶ ଅବାଧ ହୋଇପାରିବ ନାହିଁ । ଏହା ଆଗାମୀ ଦିନରେ ଭାରତ ପାଇଁ ସହାୟକ ହେବ ବୋଲି ଜାଣି ମୋଦି ଚଳିତବର୍ଷଠାରୁ ଏହି ରାଷ୍ଟ୍ରଗୋଷ୍ଠୀରେ ବସୁମତୀ ଚାଉଳର ବିକ୍ରିପାଇଁ ଟ୍ୟାଗ୍ ପାଇବାକୁ ସକ୍ଷମ ହୋଇଛନ୍ତି । ଯାହା ଫଳରେ ଆଗାମୀ ଦିନରେ ଭାରତର ଚାଉଳ ଇଉରୋପର ସବୁ ଦେଶରେ ସବୁଠି ମିଳିପାରିବ । ସେମିତି ଇଟାଲୀ, ଫ୍ରାନ୍ସ, ସ୍ପେନ ଓ ବ୍ରିଟେନ ସହ ଭାରତର ଉତ୍ତମ ସଂପର୍କ ରହିଆସିଛି । ନିକଟରେ ମୋଦି ଏହିସବୁ ରାଷ୍ଟ୍ରମୁଖ୍ୟମାନଙ୍କ ସହ ବାଣିଜ୍ୟିକ ସହଯୋଗ ନେଇ କଥା ହୋଇ ସାରିଛନ୍ତି ।

ଚୀନର ପଡୋଶୀ ସୋଭିଏତ୍ ରୁଷର ପତନ ପରଠାରୁ ରୁଷିଆ ଆଜିଯାଏ ନାନା କଟକଣାର ଯୋଗୁ ଆର୍ଥିକ ଚାପରେ ରହିଆସିଛି । ଗ୍ୟାସ୍ ବିକ୍ରିପାଇଁ ରୁଷିଆ ଚୀନ ସହ ପଡୋଶୀ ଭାବେ ସଂପର୍କ ରଖିବାକୁ ବାଧ୍ୟ । ଅପରପକ୍ଷେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ଭାବେ ବୃହତଶକ୍ତିର ମାନ୍ୟତାକୁ ବଳବତ୍ତର ରଖିବା ପାଇଁ ଗୋଟିଏ ପଟେ ଚୀନ ଓ ଅନ୍ୟପଟେ ଭାରତ ସହ ତାଳମେଳ ରଖି ଋଷିଆ ଚାଲିଛି । ଚୀନର ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ଏସ୍ -୪୦୦ବିକ୍ରି କରି ପୁତିନ ଜିନପିଙ୍ଗ୍‌ଙ୍କୁ କଷ୍ଟ ଦେଇଛନ୍ତି । ଡିସେମ୍ବର ୬ ତାରିଖରେ ଭାରତ ଗସ୍ତରେ ଆସିଥିବା ରୁଷିଆର ରାଷ୍ଟ୍ରପତି ପୁତିନ ଚୀନ ତୁଳନାରେ ଭାରତକୁ ପ୍ରତିରକ୍ଷା ସାମଗ୍ରୀ ବିକ୍ରି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ମଧ୍ୟ ଏସିଆର ଦେଶଗୁଡିକ ପାଇଁ ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଭାରତ ପୁଞ୍ଜିନିବେଶ କରୁ ବୋଲି ପୁତିନଙ୍କ ଆଗ୍ରହ ରହିଛି । ରୁଷିଆର ସହ ଭାରତ ମିଳିତ ଭାବେ ଅନେକ ସାମଗ୍ରୀ ଉତ୍ପାଦନ କରିବାକୁ ପ୍ରସ୍ତାବ ରଖିଛି । ଏହାଛଡା ଅତ୍ୟାଧୁନିକ ଏସ୍-୫୦୦କୁ ମଧ୍ୟ ଭାରତକୁ ପ୍ରଥମେ ବିକ୍ରି କରିବାକୁ ପୁତିନ ଆଗ୍ରହୀ ଥିବା କଥା କୁହାଯାଉଛି । ୨୦୨୦ ଶୀତକାଳୀନ ଅଲିମ୍ପିକ୍ସରେ ଭାରତ ବେଜିଂ ଯିବ ବୋଲି କହି ପୁତିନଙ୍କୁ ଗସ୍ତ ପୂର୍ବରୁ ମୋଦି ଖୁସି କରିଛନ୍ତି । ରୁଷିଆକୁ ଚୀନର ଷଡଯନ୍ତ୍ର ଜଣାଥିଲେ ମଧ୍ୟ ପୁତିନ ଖୋଲାଖୋଲି ଚୀନ ବିରୋଧରେ କହିବାକୁ ଚାହୁଁନାହାଁନ୍ତି ।

ୱାନ ଚାଇନା ନୀତିକୁ ଗ୍ରହଣ କରି କୌଣସି ଦେଶ ତାଇୱାନକୁ ସହଯୋଗ ନକରିବା ପାଇଁ ଜିନ୍‌ପିଙ୍ଗ୍ କହୁଥିଲେ ମଧ୍ୟ ଇତି ମଧ୍ୟରେ ଆମେରିକା ଓ ଭାରତ ତାଇୱାନର ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିଛନ୍ତି । ତାଇୱାନ ଭାରତରେ ଅଧିକ କାରଖାନା କୋରୋନା ସମୟରେ ସ୍ଥାପନା କରିଛି । ଭାରତର ଗବେଷକମାନେ ଏବେ ତାଇୱାନର ପ୍ରତିଷ୍ଠାନଗୁଡିକରେ ଅଧିକ କାର୍ଯ୍ୟ କରିବା ଦେଖାଯାଇଛି । ତାଇୱାନର ଲୋକଙ୍କ ସହ ଭାରତୀୟ ଲୋକଙ୍କ ସଂପର୍କ ଓ ସମର୍ଥନ ବିଗତ ଦିନମାନଙ୍କରେ ଖୁବ୍ ଅଧିକ ବଢିଛି । ଭାରତର ୱେବ ଚ୍ୟାନେଲ ୱିଅନରେ ପ୍ରସାରିତ ତାଇୱାନ ନେତୃମଣ୍ଡଳୀଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମକୁ ଚୀନ ସରକାରଙ୍କ ପକ୍ଷରୁ ଲିଖିତ ପ୍ରତିବାଦ କରାଯାଇଥିଲେ ମଧ୍ୟ ଭାରତର ଏହି ଚ୍ୟାନେଲ ଚୀନର ଗାତ୍ରଦାହକୁ ଖୁବ୍ ଅଧିକ ବଢାଇଛି ।

ନିକଟରେ ମାଲେସିଆର ସାମୁଦ୍ରିକ ସୀମାରେ ଚୀନର ଯୁଦ୍ଧ ବିମାନ ବଳପୂର୍ବକ ପ୍ରବେଶ କରିଥିବା ଘଟଣାକୁ ସେଠାକାର ସରକାର ସହଜେ ଗ୍ରହଣ କରିପାରିନାହାଁନ୍ତି । ଯେଉଁଥିପାଇଁ ଭାରତର ଲଢୁଆ ହାଲୁକା ବିମାନର ପ୍ରଥମ ଗ୍ରାହକ ହେବାକୁ ମାଲେସିଆ ସରକାର ସ୍ଥିର କରିସାରିଛନ୍ତି । ଭାରତର ଯୁଦ୍ଧବିମାନ ତେଜସରେ ଭାରତୀୟ କ୍ଷେପଣାସ୍ତ୍ର ଯୋଡା ଯାଉଥିବାରୁ ଦକ୍ଷିଣ ଚୀନ ସାଗରରେ ଭାରତ ମାଲେସିଆ ମାଧ୍ୟମରେ ଚୀନକୁ ରୋକିବା ପାଇଁ କାର୍ଯ୍ୟ କରିବ । ଫିଲିପାଇନ୍ସ ଭାରତଠାରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବା ପାଇଁ ୨.୮ ବିଲିଅନ ଡଲାର ଦେବାକୁ ରାଜି ହୋଇଛି । ସେହିପରି ଦକ୍ଷିଣ ଆମେରିକାର ଆର୍ଜେଣ୍ଟିନା, ଆଫ୍ରିକାର ଇଜିପ୍ଟ ସଂଯୁକ୍ତ ଆରବ ଏମିରେଟ୍ ପରି ପ୍ରମୁଖ ରାଷ୍ଟ୍ରକୁ ଭାରତ ତେଜସ ବିମାନ ଦେବାକୁ ଆଗ୍ରହ ପ୍ରକାଶ କରିଛି । ଏହାଛଡା ଚୀନ ପାଇଁ ସମସ୍ୟାରେ ପଡିଥିବା ଶ୍ରୀଲଙ୍କାକୁ ଭାରତ ସରକାର ତରଳ ଜୈବିକସାର ଯୋଗାଇ ସେଠାକାର ଚାଷୀଙ୍କୁ ସଙ୍କଟରୁ ଉଦ୍ଧାର କରିଛନ୍ତି । ଲଦ୍ଦାଖ ସୀମାରେ ଇସ୍ରାଏଲ ଠାରୁ ହେରୋନ ଡ୍ରୋନଗୁଡିକୁ କିଣି ମୁତୟନ କରିବା ସହ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବାକୁ ନିକଟରେ ସ୍ଥଳସେନା ମୁଖ୍ୟ ମୁକୁନ୍ଦ ନରବଣେ ଇସ୍ରାଏଲ ଗସ୍ତ କରିଥିଲେ ।

ସେହିପରି ଚୀନର ବନ୍ଧୁରାଷ୍ଟ୍ର ପାକ୍‌ରେ ଗ୍ୱାଦର ବନ୍ଦର ନିକଟସ୍ଥ ଲୋକେ ଚୀନ ବିରୋଧରେ ଆନ୍ଦୋଳନ ଜାରି ରଖିଛନ୍ତି । ସେଠାକାର ଲୋକେ ଚୀନାଙ୍କ ଉପରେ ଆକ୍ରମଣ କରୁଛନ୍ତି । ସାର୍କ ଦେଶ ନେପାଳ ନିକଟରେ ଚୀନର ଉଡାଜାହାଜ ଉଡାଇବା ବନ୍ଦ କରିଛି । ବଙ୍ଗଳାଦେଶ ସରକାର ମଧ୍ୟ ଚୀନର ହେଲିକପଟର କିଣି କ୍ଷତିରେ ପଡିବାରୁ ଏବେ ଭାରତଠାରୁ ହେଲିକପଟର କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କେନ୍ଦ୍ର ଏସିଆ ଏବଂ ଆଫଗାନିସ୍ଥାନରେ ଚୀନର ପ୍ରବେଶ ଥିବା ସତ୍ତ୍ୱେ ସେହିସବୁ ଦେଶରେ ଚୀନକୁ ସୀମିତ କରିବା ପାଇଁ ଜୋରଦାର ଅଭିଯାନ ଜାରିରହିଛି । ଆଫଗାନ ଲୋକଙ୍କ ପାଇଁ ୫୦ହଜାର ଟନ ଗହମ ସହାୟତା ଦେବାକୁ କହି ଭାରତ ସରକାର ପାକ୍ ସରକାରଙ୍କ ପାଇଁ ଚିନ୍ତା ବଢାଇ ଦେଇଛନ୍ତି । ସଡକପଥ ଖୋଲିବାକୁ ତାଲିବାନ ସରକାର ପାକ୍ ସରକାରଙ୍କଠାରେ ଦାବି କଲାବେଳେ ଏଣେ ଇମରାନ୍ ଅନୁମତି ଦେବାକୁ ନେଇ ହରଡଘଣାରେ ପଡିଛନ୍ତି । ଭାରତ ସରକାର ଅକ୍ଟୋବର ପ୍ରଥମ ସପ୍ତାହର ଏହି ସହଯୋଗ ଯୋଗାଇ ଦେବାପାଇଁ ପାକ୍ ସରକାରଙ୍କ ଅନୁମତି ଚାହିଁଥିଲା ବେଳେ ୩୧ ଡିସେମ୍ବର ୨୦୨୧ସୁଦ୍ଧା ଇମରାନ ନିଷ୍ପତ୍ତି ନ ନେଇ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛନ୍ତି । ପରିବହନ ପାଇଁ ଭାରତର ଟ୍ରକ୍ ପାକ୍ ସୀମା ଭିତରକୁ ଆସିବ ନାହିଁ ବୋଲି କୁହାଯିବା ପରେ ଭାରତ ସରକାର ଆଫଗାନ ଟ୍ରକ୍ ଡ୍ରାଇଭର ଏବଂ ଠିକାଦାରଙ୍କ ତାଲିକା ପାକ୍ ସରକାରଙ୍କୁ ଦେଇଛନ୍ତି । ଆଫଗାନ ସହାୟତା ପାଇଁ ପଡୋଶୀ କେନ୍ଦ୍ର ଏସିଆର ଦେଶଗୁଡିକ ସହ ସଫଳ ବୈଠକର ଆୟୋଜନ କରି ଭାରତ ସମସ୍ତଙ୍କ ବିଶ୍ୱାସକୁ ବଢାଇଛି । ତେଣୁ ଡ୍ରାଗନକୁ ଚେକ୍ କରିବା ପାଇଁ ଭାରତର ପ୍ରୟାସ ସଫଳ ହେବାରେ ଲାଗିଛି ।

ଭାରତୀୟ ସମ୍ବାଦ ସେବା(ଭାସ)
ଭୁବନେଶ୍ୱର-୭୫୧୦୦୩

## ସଂପାଦକୀୟ

# ନବବର୍ଷ - ୨୦୨୨

ପାଦ ଦେଇଛି ନବବର୍ଷ-୨୦୨୨ । ଅନେକ ସମ୍ଭାବନା ଓ ସଫଳତାର ଉପହାର ନେଇ ଆସିଛି ନବବର୍ଷ । ମାନବ ସମାଜ ପାଇଁ କିଛି ନୂତନ ସଂଦେଶ ଓ ନୂତନ ବାର୍ତ୍ତା ନିଶ୍ଚୟ ନୂଆବର୍ଷର ହାତ ମୁଠାରେ ରହିଛି, କେବଳ ଆମେ ଠିକ୍ ଠଉରେଇ ପାରିଲେ ହେଲା ।

ସବୁଠାରୁ ବଡ଼ କଥା ହେଲା, କରୋନା ସଂକଟ ଏପର୍ଯ୍ୟନ୍ତ ମାନବ ସମାଜରୁ ଟଳିନାହିଁ । କରୋନାର ନୂତନ ଭାରିଆଂଟ ଓମିକ୍ରନ୍ ଏବେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିବାରେ ଲାଗିଛି । ଆମେରିକା, ବ୍ରିଟେନ୍ ଭଳି ଦେଶରେ ଅସମ୍ଭାଳ ଉତ୍ପାତ୍ ଭିଆଁଉଛି । ଏହି କ୍ରମରେ ଭାରତରେ ମଧ୍ୟ ଓମିକ୍ରନ୍ ନିଜର ସ୍ଥିତି ଜାହିର୍ କରି ସାରିଥିବା ବେଳେ ମହାରାଷ୍ଟ୍ରରେ ଜଣେ ଓମିକ୍ରନ୍ ସଂକ୍ରମିତ ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ଘଟି ସାରିଛି । ସଂକ୍ରମଣ ବି ବଢ଼ିବାରେ ଲାଗିଛି ଓମିକନ୍‌ର । ଏହି ନୂତନ ଭାରିଆଂଟର ଗତି, ବିଧି ତଥା ଚରିତ୍ରକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ୍ ଅନୁମାନ କରି ପାରିନଥିବା ବେଳେ ଓମିକ୍ରନ୍ ସଂକ୍ରମଣ ପ୍ରତି ମାନବ ସମାଜ ସଚେତନ ହେବା ନିହାତି ଆବଶ୍ୟକ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି ।

ଓମିକ୍ରନ୍ ସଂକ୍ରମଣକୁ ହ୍ରାସ କରିବା ପାଇଁ ଭାରତର କେତେକ ରାଜ୍ୟରେ କୋହଳ ହୋଇଥିବା କରୋନା କଟକଣା ପୁଣି ବଳବତ୍ତର ହେଲାଣି । ଓଡ଼ିଶାରେ ମଧ୍ୟ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଓଡ଼ିଶା ସରକାର ମଧ୍ୟ କଟକଣା ଦିଗକୁ ବଳିଷ୍ଠ କରିବା ପାଇଁ ପଦକ୍ଷେପ ନେବାକୁ ଚିନ୍ତା କରିଛନ୍ତି । ଖ୍ରୀଷ୍ଟିୟ ସମାଜର 'ଖ୍ରୀଷ୍ଟମାସ୍' ପର୍ବ ପାଳନକୁ ନିରାଡ଼ମ୍ବର କରାଯିବା ପାଇଁ ସରକାର ପଦକ୍ଷେପ ନେଇ ସାରିଥିବା ବେଳେ ନୂଆବର୍ଷ ପାଳନ ଅବସରରେ ପାର୍ଟି, ପିକ୍‌ନିକ୍, ଜିରୋ ନାଇଟ୍ ସେଲିବ୍ରେସନ୍‌କୁ ବନ୍ଦ କରାଯିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଏପରିକି ନବବର୍ଷ ପାଳନ ଅବସରରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ଦେବଦର୍ଶନରେ ମଧ୍ୟ କଟକଣା ଲଗାଯାଇଛି ।

ଏଭଳି ପରିସ୍ଥିତିରେ ନବବର୍ଷର ଆହ୍ୱାନକୁ ଆମେ ସମସ୍ତେ ଗମ୍ଭୀରତାର ସହ ଚିନ୍ତା କରିବା ଉଚିତ । କରୋନାର ଦ୍ୱିତୀୟ ଲହର ଓଡ଼ିଶାର ଧନ, ଜୀବନ ହାନୀରେ ବେଶ୍ ପ୍ରଭାବୀ ନୃଶଂସତା ପ୍ରଦର୍ଶନ କରିଛି । ଏବେ ଓମିକ୍ରନ୍ ରୂପ ନେଇ କରୋନା ପୁଣି ତୃତୀୟ ଲହର ମାଧ୍ୟମରେ ଆସୁଥିବା ବେଳେ ଏଥିପାଇଁ ବିଶେଷ ସତର୍କତା ଅବଲମ୍ବନ କରି ନିଜକୁ ତଥା ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ଆମେ ଅଂଟା ଭିଡ଼ିବା ଆବଶ୍ୟକ । ଏ ଦିଗ ପ୍ରତି ଆସନ୍ତୁ, ସମସ୍ତେ ଦୃଷ୍ଟି ଦେବା ।



## ନବବର୍ଷର ଅଭିନନ୍ଦନ

୨୦୨୨ ନବ ବର୍ଷ ଅବସରରେ ପଶ୍ଚିମ ଓଡ଼ିଶାର ସମସ୍ତ ଗୁରୁଜନ, ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଆରୋଗ୍ୟର ବର୍ଷ ହେଉ । ଦେଶ କଲ୍ୟାଣରେ ସରକାରଙ୍କ କରୋନା କଟକଣା ନିୟମ ମାନିବା, ମାସ୍କ ପିନ୍ଧିବା, ଟୀକା ନେବା, ସାମାଜିକ ଦୂରତା ରକ୍ଷା କରିବା ପ୍ରତି ସମସ୍ତେ ଦୃଷ୍ଟି ଦିଅନ୍ତୁ । ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା ।

**ମୀନକେତନ ପ୍ରଧାନ**

ସମ୍ପାଦକ, ଜୀବନ୍ୟାସ ତଥା ସଂଯୋଜକ କୋଶଳ ଗନ୍ଧମାର୍ଦ୍ଦନ ବୈଦ୍ୟ ମହାସଂଘ, ହରିଶଙ୍କର, ବଲାଙ୍ଗିର ମୋ.ନଂ.: ୯୭୭୭୬୨୧୮୭୩



## ନବବର୍ଷ ଶୁଭେଚ୍ଛା

ନବବର୍ଷ-୨୦୨୨ ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରୁ । ଜଗତସ୍ରଷ୍ଟାଙ୍କ ପାଖରେ ଏତିକି ପ୍ରାର୍ଥନା ।

**ପ୍ରଦୀପ କୁମାର ପ୍ରଧାନୀ**

କାର୍ଯ୍ୟନିର୍ବାହୀ ଅଧିକାରୀ
ଘୁନେଶ ଓ କନ୍ଧେଇ ଗ୍ରା.ପ.,
ତୁରେକେଲା



ନବବର୍ଷ-୨୦୨୨ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।

**ଅଶୋକ କୁମାର ମିଶ୍ର**

ଚଳଚ୍ଚିତ୍ର ନିର୍ଦ୍ଦେଶକ
(ଏଫ୍‌ଟିଆଇଆଇ)
ବଲାଙ୍ଗିର

ନବବର୍ଷ-୨୦୨୨ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।

**ସନାତନ ଠାକୁର**

ପେଲେସ୍ ଲାଇନ୍, ବଲାଙ୍ଗିର



ନବବର୍ଷ ୨୦୨୨



ନୂଆଁ ବଛର୍ ନୂଆଁ ଧର୍‌ସା ଦଉ ଜଗତ୍ କେ । ସମ୍‌କୁ ଜୁହାର ।

**ପ୍ରଭାକର ମିଶ୍ର**

ସାଧାରଣ ସଂପାଦକ
ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ, ବଲାଙ୍ଗିର

ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ୨୦୨୨ ।

**ମୀନକେତନ ବାରଲେବଡ଼ିଆ**

ମୁଖ୍ୟ ସଂପାଦକ : ଟିକି କାଇଁଚ
ଭୁବନେଶ୍ୱର



# ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବା ନିଷ୍ପତ୍ତି ସାମୟିକ ଭାବେ ସ୍ଥଗିତ

ଭୁବନେଶ୍ୱର, (କେପିଏନ୍‌ଏସ୍) : ରାଜ୍ୟ ସରକାର ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ପୁନଃ ଖୋଲାଯିବା ନିମନ୍ତେ ଆଦେଶ ଜାରି କରିଥିଲେ । ଏହି ଆଦେଶ ମୁତାବକ, ପାଖାପାଖି ୨୩ ହଜାର ବିଦ୍ୟାଳୟ ଆସନ୍ତା ଜାନୁଆରୀ ୩ ତାରିଖ ସୋମବାର ଠାରୁ ଖୋଲିବାର ବନ୍ଦୋବସ୍ତ କରାଯାଉଥିଲା ଏବଂ ବାକି ୩୦୯୩ ବିଦ୍ୟାଳୟକୁ ଜାନୁଆରୀ ୧୦ ତାରିଖ ଦିନଠାରୁ ଖୋଲିଥାନ୍ତା ।

ଇତି ମଧ୍ୟରେ ପଦାଧିକାରୀମାନେ ବିଭିନ୍ନ ସ୍କୁଲ ଗସ୍ତ କରି ବିଦ୍ୟାଳୟ ସହ ଜଡ଼ିତ ବ୍ୟକ୍ତିବିଶେଷମାନଙ୍କ ସହିତ ଆଲୋଚନା କରିଛନ୍ତି । ସାଂପ୍ରତିକ ସ୍ୱାସ୍ଥ୍ୟଜନିତ ପରିସ୍ଥିତି, ବିଶେଷ ଭାବରେ ବିଗତ ଦୁଇଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ଇତିମଧ୍ୟରେ ବିଭିନ୍ନ ଉଚ୍ଚ ପଦାଧିକାରୀମାନଙ୍କ ରିପୋର୍ଟକୁ ନେଇ ପିଲାମାନଙ୍କ ବୃହତ୍ତର ସ୍ୱାସ୍ଥ୍ୟଗତ ହିତକୁ ଧ୍ୟାନରେ ରଖି ରାଜ୍ୟ ସରକାର ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବା ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି । କିନ୍ତୁ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯଥାବିଧି ଜାରି ରହିବ । ଆସନ୍ତା ଜାନୁଆରୀ ୫ରୁ ୮ ତାରିଖ ପର୍ଯ୍ୟନ୍ତ ୧୦ମ ଶ୍ରେଣୀର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମେଟିଭ୍-୧ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ସୂଚନ ଅନୁଯାୟୀ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଯଥାବିଧି ଚାଲୁ ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ।


# ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା ଚକ୍ର

ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ସଂକୁଳସ୍ତରୀୟ ବିଦ୍ୱତ୍ ପରିଷଦର ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ସାଂଗକୁ ସେ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୃସିଂହଚରଣ ମିଶ୍ର, ମୁଖ୍ୟବକ୍ତା ଭାବରେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା, ଜିଲ୍ଲା ପ୍ରମୁଖ ବିପିନ ବିହାରୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ଥାନୀୟ ଅନୁଷ୍ଠାନର ସଭାପତି ଉପେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବା ସହ ସମ୍ପାଦକ ପଦ୍ମଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସଂକୁଳ ପ୍ରମୁଖ ଡ଼ଃ. ଜେ କୁର୍ମା ରାଓ, ଶିକ୍ଷାବିତ ତ୍ରିନାଥ ସାହୁ, କୈଳାଶ ଚନ୍ଦ୍ର ପଣ୍ଡା, ନୟନ ପାତ୍ର, ରଜନୀକାନ୍ତ ପଟ୍ଟନାୟକ, ଡ଼ଃ. ଅଳକା ମିଶ୍ର, ଶ୍ରୀମତି ରେଖା ମହାନ୍ତି, ସଦସ୍ୟା ସୁନୀତା ସେଠୀ, ବରିଷ୍ଠ ନାଗରିକ ତଥା ବରିଷ୍ଠ ଶିକ୍ଷାବିତ ନିରଞ୍ଜନ ତ୍ରିପାଠୀ, ଗଞ୍ଜାମ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପତିତ ପାବନ ଶତପଥି, ସଦସ୍ୟ ଏସ୍. ରାମ ପ୍ରସାଦ ପଟ୍ଟନାୟକ, କୋରେଶ ଚନ୍ଦ୍ର ଶତପଥି ପ୍ରମୁଖ ସ୍ଥାନୀୟ ଅଂଚଳର ଅନେକ ବୁଦ୍ଧିଜୀବୀ ଯୋଗ ଦେଇ ନୂତନ ଶିକ୍ଷାନୀତି ୨୦୨୦ ଉପରେ ହୋଇଥିବା ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ତାତ୍ତ୍ୱିକ ଆଲୋଚନା ସହ ମତବ୍ୟକ୍ତ କରିଥିଲେ । ଏଥିରେ ସମସ୍ତ ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।



ନବବର୍ଷ-୨୦୨୨ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ



**ରାଜେନ୍ଦ୍ର ଯୁବକ ସଂଘ**
**ବଲାଙ୍ଗିର**



ନବବର୍ଷ-୨୦୨୨ ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରୁ । କରୋନା ଭଳି ମହାମାରୀ ହଟିଯାଉ ମାନବ ସମାଜରୁ । ଏତିକି ପ୍ରାର୍ଥନା ଭଗବାନଙ୍କଠାରେ ।


**ଅଧ୍ୟାପକ ରଂଜନ କୁମାର ପାଣିଗ୍ରାହୀ**
ଜରାସିଂହା +୨ ମହାବିଦ୍ୟାଳୟ, ଜରାସିଂହା

ନବବର୍ଷ-୨୦୨୨ ଜଗତ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣି ଦେଉ, ଏତିକି କାମନା ।

**ଡ. ସୁବିଜ୍ଞ ଗଡ଼ତ୍ୟା**
ଅଧ୍ୟାପକ
ଆଗଲପୁର ପଞ୍ଚାୟତ ସମିତି କଲେଜ, ରୋଡ



# ନବବର୍ଷ-୨୦୨୨



ନବବର୍ଷ-୨୦୨୨ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।


**ପ୍ରଦୀପ କୁମାର ଖମାରୀ**
ସାଧାରଣ ସଂପାଦକ : ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ବଲାଙ୍ଗିର

ନବବର୍ଷ-୨୦୨୨ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।

**ଶଙ୍କର ସାହୁ**
ପେଲେସ୍ ଲାଇନ୍
ବଲାଙ୍ଗିର



# ନବବର୍ଷ-୨୦୨୨



ନବ ବର୍ଷ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ ।

**ପ୍ରତାପ ଚନ୍ଦ୍ର ରଥ**
ସଂପାଦକ : ଅବସରପ୍ରାପ୍ତ ସୈନିକ ସଂଘ
ବଲାଙ୍ଗିର

## ଜାନୁଆରୀ

| | | | | | |
|---|---|---|---|---|---|
| ରବି | ୩୦ | ୨ | ୯ | ୧୬ | ୨୩ |
| ସୋମ | ୩୧ | ୩ | ୧୦ | ୧୭ | ୨୪ |
| ମଙ୍ଗଳ | | ୪ | ୧୧ | ୧୮ | ୨୫ |
| ବୁଧ | | ୫ | ୧୨ | ୧୯ | ୨୬ |
| ଗୁରୁ | | ୬ | ୧୩ | ୨୦ | ୨୭ |
| ଶୁକ୍ର | | ୭ | ୧୪ | ୨୧ | ୨୮ |
| ଶନି | ୧ | ୮ | ୧୫ | ୨୨ | ୨୯ |




## ଫେବୃଆରୀ

| | | | | | |
|---|---|---|---|---|---|
| ରବି | | ୬ | ୧୩ | ୨୦ | ୨୭ |
| ସୋମ | | ୭ | ୧୪ | ୨୧ | ୨୮ |
| ମଙ୍ଗଳ | ୧ | ୮ | ୧୫ | ୨୨ | |
| ବୁଧ | ୨ | ୯ | ୧୬ | ୨୩ | |
| ଗୁରୁ | ୩ | ୧୦ | ୧୭ | ୨୪ | |
| ଶୁକ୍ର | ୪ | ୧୧ | ୧୮ | ୨୫ | |
| ଶନି | ୫ | ୧୨ | ୧୯ | ୨୬ | |

## ମାର୍ଚ୍ଚ

| | | | | | |
|---|---|---|---|---|---|
| ରବି | | ୬ | ୧୩ | ୨୦ | ୨୭ |
| ସୋମ | | ୭ | ୧୪ | ୨୧ | ୨୮ |
| ମଙ୍ଗଳ | ୧ | ୮ | ୧୫ | ୨୨ | ୨୯ |
| ବୁଧ | ୨ | ୯ | ୧୬ | ୨୩ | ୩୦ |
| ଗୁରୁ | ୩ | ୧୦ | ୧୭ | ୨୪ | ୩୧ |
| ଶୁକ୍ର | ୪ | ୧୧ | ୧୮ | ୨୫ | |
| ଶନି | ୫ | ୧୨ | ୧୯ | ୨୬ | |

## ଅପ୍ରେଲ

| | | | | | |
|---|---|---|---|---|---|
| ରବି | | ୩ | ୧୦ | ୧୭ | ୨୪ |
| ସୋମ | | ୪ | ୧୧ | ୧୮ | ୨୫ |
| ମଙ୍ଗଳ | | ୫ | ୧୨ | ୧୯ | ୨୬ |
| ବୁଧ | | ୬ | ୧୩ | ୨୦ | ୨୭ |
| ଗୁରୁ | | ୭ | ୧୪ | ୨୧ | ୨୮ |
| ଶୁକ୍ର | ୧ | ୮ | ୧୫ | ୨୨ | ୨୯ |
| ଶନି | ୨ | ୯ | ୧୬ | ୨୩ | ୩୦ |







## ମଇ

| | | | | | |
|---|---|---|---|---|---|
| ରବି | ୧ | ୮ | ୧୫ | ୨୨ | ୨୯ |
| ସୋମ | ୨ | ୯ | ୧୬ | ୨୩ | ୩୦ |
| ମଙ୍ଗଳ | ୩ | ୧୦ | ୧୭ | ୨୪ | ୩୧ |
| ବୁଧ | ୪ | ୧୧ | ୧୮ | ୨୫ | |
| ଗୁରୁ | ୫ | ୧୨ | ୧୯ | ୨୬ | |
| ଶୁକ୍ର | ୬ | ୧୩ | ୨୦ | ୨୭ | |
| ଶନି | ୭ | ୧୪ | ୨୧ | ୨୮ | |


## ଜୁନ୍

| | | | | | |
|---|---|---|---|---|---|
| ରବି | | ୫ | ୧୨ | ୧୯ | ୨୬ |
| ସୋମ | | ୬ | ୧୩ | ୨୦ | ୨୭ |
| ମଙ୍ଗଳ | | ୭ | ୧୪ | ୨୧ | ୨୮ |
| ବୁଧ | ୧ | ୮ | ୧୫ | ୨୨ | ୨୯ |
| ଗୁରୁ | ୨ | ୯ | ୧୬ | ୨୩ | ୩୦ |
| ଶୁକ୍ର | ୩ | ୧୦ | ୧୭ | ୨୪ | |
| ଶନି | ୪ | ୧୧ | ୧୮ | ୨୫ | |





ମାନଭଞ୍ଜନ ମିଶ୍ର
ମାତୃକୃପା ହୋମିଓ
ପାଟଣେଶ୍ୱରୀ ମାର୍କେଟ କଂପ୍ଲେକ୍ସ,
ଜଗନ୍ନାଥପଡ଼ା, ବଲାଙ୍ଗିର
ମୋ.ନଂ.୯୪୩୭୯୧୮୯୬୩



## ଜୁଲାଇ

| | | | | | |
|---|---|---|---|---|---|
| ରବି | ୩୧ | ୩ | ୧୦ | ୧୭ | ୨୪ |
| ସୋମ | | ୪ | ୧୧ | ୧୮ | ୨୫ |
| ମଙ୍ଗଳ | | ୫ | ୧୨ | ୧୯ | ୨୬ |
| ବୁଧ | | ୬ | ୧୩ | ୨୦ | ୨୭ |
| ଗୁରୁ | | ୭ | ୧୪ | ୨୧ | ୨୮ |
| ଶୁକ୍ର | ୧ | ୮ | ୧୫ | ୨୨ | ୨୯ |
| ଶନି | ୨ | ୯ | ୧୬ | ୨୩ | ୩୦ |

## ଅଗଷ୍ଟ

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | ୩୧ |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

## ସେପ୍ଟେମ୍ବର

| | | | | | |
|---|---|---|---|---|---|
| ରବି | | ୪ | ୧୧ | ୧୮ | ୨୫ |
| ସୋମ | | ୫ | ୧୨ | ୧୯ | ୨୬ |
| ମଙ୍ଗଳ | | ୬ | ୧୩ | ୨୦ | ୨୭ |
| ବୁଧ | | ୭ | ୧୪ | ୨୧ | ୨୮ |
| ଗୁରୁ | ୧ | ୮ | ୧୫ | ୨୨ | ୨୯ |
| ଶୁକ୍ର | ୨ | ୯ | ୧୬ | ୨୩ | ୩୦ |
| ଶନି | ୩ | ୧୦ | ୧୭ | ୨୪ | |

## ଅକ୍ଟୋବର

| | | | | | |
|---|---|---|---|---|---|
| ରବି | ୩୦ | ୨ | ୯ | ୧୬ | ୨୩ |
| ସୋମ | ୩୧ | ୩ | ୧୦ | ୧୭ | ୨୪ |
| ମଙ୍ଗଳ | | ୪ | ୧୧ | ୧୮ | ୨୫ |
| ବୁଧ | | ୫ | ୧୨ | ୧୯ | ୨୬ |
| ଗୁରୁ | | ୬ | ୧୩ | ୨୦ | ୨୭ |
| ଶୁକ୍ର | | ୭ | ୧୪ | ୨୧ | ୨୮ |
| ଶନି | ୧ | ୮ | ୧୫ | ୨୨ | ୨୯ |







## ନଭେମ୍ବର

| | | | | | |
|---|---|---|---|---|---|
| ରବି | | ୬ | ୧୩ | ୨୦ | ୨୭ |
| ସୋମ | | ୭ | ୧୪ | ୨୧ | ୨୮ |
| ମଙ୍ଗଳ | ୧ | ୮ | ୧୫ | ୨୨ | ୨୯ |
| ବୁଧ | ୨ | ୯ | ୧୬ | ୨୩ | ୩୦ |
| ଗୁରୁ | ୩ | ୧୦ | ୧୭ | ୨୪ | |
| ଶୁକ୍ର | ୪ | ୧୧ | ୧୮ | ୨୫ | |
| ଶନି | ୫ | ୧୨ | ୧୯ | ୨୬ | |

## ଡିସେମ୍ବର

| | | | | | |
|---|---|---|---|---|---|
| ରବି | | ୪ | ୧୧ | ୧୮ | ୨୫ |
| ସୋମ | | ୫ | ୧୨ | ୧୯ | ୨୬ |
| ମଙ୍ଗଳ | | ୬ | ୧୩ | ୨୦ | ୨୭ |
| ବୁଧ | | ୭ | ୧୪ | ୨୧ | ୨୮ |
| ଗୁରୁ | ୧ | ୮ | ୧୫ | ୨୨ | ୨୯ |
| ଶୁକ୍ର | ୨ | ୯ | ୧୬ | ୨୩ | ୩୦ |
| ଶନି | ୩ | ୧୦ | ୧୭ | ୨୪ | ୩୧ |

## ବିଶେଷ ପର୍ବପର୍ବାଣି

**ଜାନୁଆରୀ**
୧୨ : ସାମ୍ବ ଦଶମୀ, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ୧୪ : ମକର ସଂକ୍ରାନ୍ତି, ୨୩ : ନେତାଜୀ ଜୟନ୍ତୀ, ୨୬ : ସାଧାରଣତନ୍ତ୍ର ଦିବସ ।

**ଫେବୃଆରୀ**
୦୫ : ସରସ୍ୱତୀ ପୂଜା, ୧୬ : ମାଘ ପୂର୍ଣ୍ଣିମା, ଜୋରନ୍ଦା ମେଳା ।

**ମାର୍ଚ୍ଚ**
୦୧ : ମହାଶିବରାତ୍ରି (ଜାଗର), ୦୫ : ପଞ୍ଚାୟତିରାଜ ଦିବସ, ୧୮ : ଶ୍ରୀ ଚୈତନ୍ୟ ଜନ୍ମୋତ୍ସବ, ଦୋଳ ପୂର୍ଣ୍ଣିମା, ୧୯ : ହୋଲି ଉତ୍ସବ ।

**ଅପ୍ରେଲ**
୦୧ : ଉତ୍କଳ ଦିବସ, ୦୩ : ରମ୍‌ଜାନ୍ ମାସ ଆରମ୍ଭ, ୦୭ : ବାସନ୍ତୀକା ନବଦିନାତ୍ମକ ପୂଜା ଆରମ୍ଭ, ୧୦ : ଶ୍ରୀରାମନବମୀ, ୧୪ : ମହାବିଷୁବ ସଂକ୍ରାନ୍ତି, ଆମ୍ବେଦକର ଜୟନ୍ତୀ, ୧୫ : ଗୁଡ୍ ଫ୍ରାଇଡ଼େ, ୨୮ : ମଧୁବାବୁ ଜୟନ୍ତୀ ।

**ମଇ**
୦୧ : ଶ୍ରମିକ ଦିବସ, ୦୩ : ଅକ୍ଷୟ ତୃତୀୟା, ଇଦ୍-ଉଲ-ଜୁହା, ୧୬ : ବୁଦ୍ଧ ପୂର୍ଣ୍ଣିମା, ୩୦ : ସାବିତ୍ରୀ ଅମାବାସ୍ୟା ।

**ଜୁନ୍**
୦୫ : ଶୀତଳ ଷଷ୍ଠୀ ୧୪ : ଦେବସ୍ନାନ ପୂର୍ଣ୍ଣିମା, ପହିଲି ରଜ, ୧୫ : ରଜ ସଂକ୍ରାନ୍ତି ।

**ଜୁଲାଇ**
୦୧ : ରଥଯାତ୍ରା, ୦୯ : ବାହୁଡ଼ା, ୧୦ : ସୁନାବେଶ, ୧୮ : ବୋଲ୍‌ବମ୍ ଆରମ୍ଭ ।

**ଅଗଷ୍ଟ**
୦୯ : ମହରମ୍, ୧୧ : ରକ୍ଷା ବନ୍ଧନ, ୧୫ : ସ୍ୱାଧୀନତା ଦିବସ, ଶ୍ରୀଅରବିନ୍ଦଙ୍କ ଜୟନ୍ତୀ, ୧୮ : ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ୩୧ : ଗଣେଶ ଚତୁର୍ଥୀ ।

**ସେପ୍ଟେମ୍ବର**
୦୧ : ନୂଆଁଖାଇ, ୦୫ : ଗୁରୁ ଦିବସ,୨୫ : ମହାଳୟା ଅମାବାସ୍ୟା ।

**ଅକ୍ଟୋବର**
୦୨ : ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ୦୩ : ମହାଷ୍ଟମୀ, ୦୪ : ମହା ନବମୀ, ୦୫ : ଦଶହରା, ୦୯ : ମହମ୍ମଦଙ୍କ ଜନ୍ମ ଦିବସ, କୁମାର ପୂର୍ଣ୍ଣିମା, ୨୪ : ଶ୍ୟାମାକାଳୀ ପୂଜା, ଦୀପାବଳି ।

**ନଭେମ୍ବର**
୦୨ : ଅଁଳା ନବମୀ, ୦୮ : ରାସ ପୂର୍ଣ୍ଣିମା, ୧୪ : ଶିଶୁ ଦିବସ ।

**ଡିସେମ୍ବର**
୦୫ : ଗୀତା ଜୟନ୍ତି, ୦୮ : ପଣ୍ଡୁ ପୂର୍ଣ୍ଣିମା, ୨୫ : ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ (ବଡ଼ଦିନ) ।

# ବିଜୁଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ



ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଆଶ୍ରମ ସ୍କୁଲ ଖେଳ ପଡ଼ିଆରେ ବିଜୁଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ ହୋଇଯାଇଛି, ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟଟି ଆରମ୍ଭ ହୋଇଥିଲା । ଏହି ପବିତ୍ର ଦିବସରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଜେଡି ଉପସଭାପତି ତଥା ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି, ବିଶିଷ୍ଟ ଅତିଥି ଜିଲ୍ଲା ବିଜେଡି ଯୁଗ୍ମ ସମ୍ପାଦକ ଯୋଗିନ୍ଦ୍ର ନାଥ ମାଝୀ, ସମ୍ମାନିତ ଅତିଥି ଜିଲ୍ଲା ବିଜେଡି ସମ୍ପାଦକ ଶ୍ୟାମ ସୁନ୍ଦର ବେହେରା, ଜିଲ୍ଲା ବିଜେଡି ଯୁବ ଉପସଭାପତି ଇମ୍ରାନ ମହମ୍ମଦ, ବ୍ଲକ ବିଜେଡି ସଭାପତି ଲୋକନାଥ ଛତ୍ରୀଆ, ବ୍ଲକ ମହିଳା ସଭାନେତ୍ରୀ ହେମକାନ୍ତି ଦୁରିଆ, ବିଜେଡି ନାରୀ ନେତ୍ରୀ ମିନତୀ କାଣ୍ଡ, ଯୁବ ବ୍ଲକ ସଭାପତି ଦିଗପାଳ ନାଗ, ନୁର ମହମ୍ମଦ, ତଥା ବୋଡେନ ବ୍ଲକର ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ରହି ବହୁ ଆନନ୍ଦ ଉଲ୍ଲାସର ସହ ୨୫ ତମ ପ୍ରତିଷ୍ଠା ଦିବସକୁ ପାଳନ କରିଥିଲେ ।

# କନ୍ଧମାଳ ଟିମ୍ ହ୍ୟୁମାନିଟି ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ



କନ୍ଧମାଳ, (ନିପ୍ର) : କନ୍ଧମାଳ ଟିମ୍ ହ୍ୟୁମାନିଟି ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ତୁଡିପାଜୁଠାରେ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟିମ୍‌ର ଜିଲ୍ଲାସ୍ତରର ସମସ୍ତ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ । ଏହି ବୈଠକରେ ଟିମ୍‌ର ବିଗତ ଦିନର କାର୍ଯ୍ୟକ୍ରମ ସହ ଆଗାମୀ ଦିନରେ କିଭଳି ଅଧିକ ଉନ୍ନତତର କାର୍ଯ୍ୟକ୍ରମ କରି ସମାଜ ସେବା କ୍ଷେତ୍ରରେ ଏକ ଭିନ୍ନ ଧରଣର ପଦକ୍ଷେପ ନେବା ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି ।

ଆଗକୁ ଟିମ୍ ଯେମିତି ବିଭିନ୍ନ ଦିଗରେ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରି ସାଧାରଣ ଲୋକଙ୍କ ଭଲ ମନ୍ଦରେ ସାଥୀ ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଛି । ଉକ୍ତ ସ୍ଥାନଟି ବଣଭୋଜି ନିମନ୍ତେ ଉଦ୍ଦିଷ୍ଟ ଥିବା ହେତୁ ଟିମ୍‌ର କାର୍ଯ୍ୟକ୍ରମ ଶେଷ ହେବା ପରେ ଉକ୍ତ ସ୍ଥାନର ଚତୁଃପାର୍ଶ୍ୱରେ ହୋଇଥବା ଭୋଜିର ଆବର୍ଜନା ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ସମସ୍ତ ସଦସ୍ୟ ସଦସ୍ୟା ପାଖା ପାଖି ପରିବେଶର ଆବର୍ଜନା ସଫା କରିବା ଦିଗରେ ନିୟୋଜିତ ହୋଇଥିଲେ । ଟିମ୍ ହ୍ୟୁମାନିଟି କନ୍ଧମାଳର ଆବାହକ ଭି.ଲୋକନାଥ ରାଜୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ପରିଚାଳନା ହୋଇଥିଲା ।

# ୩୩ତମ ରାଜ୍ୟସ୍ତରୀୟ କେରାଟେ ଚମ୍ପିୟାନ : ଟିକାବାଲି ପାଇଲା ୮ଟି ପଦକ



ବାଲିଗୁଡା, (ନିପ୍ର) : ଭୁବନେଶ୍ୱର ଉତ୍କଳ କେରାଟେ ସ୍କୁଲଠାରେ ଦୁଇଦିନ ଧରି ଆୟୋଜିତ ହୋଇଥିବା ୩୩ ତମ ରାଜ୍ୟସ୍ତରୀୟ ସବଜୁନିୟର କେରାଟେ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ଟିକାବାଲି କେରାଟେ ସ୍କୁଲ ପକ୍ଷରୁ ୧୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ସେଥିମଧ୍ୟରୁ ୮ଜଣ କୃତିତ୍ୱ ଅର୍ଜନ କରିଛନ୍ତି । ଯଥା ଦୁଇ ଜଣ ସ୍ୱର୍ଣ୍ଣ, ଦୁଇଜଣ ରୌପ୍ୟ ଏବଂ ଚାରି ଜଣ କାଂସ୍ୟ ପଦକ ହାସଲ କରିଥିବା ଜଣାପଡିଛି । ଓଡିଶାରୁ ବିଭିନ୍ନ ଜିଲ୍ଲାରୁ ଭାଗ ନେଇଥିବା ବେଳେ କନ୍ଧମାଳ ଟିକାବାଲିରୁ ପ୍ରିୟାଶୁଂ ପଣ୍ଡା ଏବଂ ଉଦ୍ଧବ ପ୍ରଧାନ ଫାଇଟରେ ସ୍ୱର୍ଣ୍ଣ ପାଇଥିବା ବେଳେ ଶ୍ରବଣ କହଁର ଓ ଲବଣ କହଁର ଫାଇଟରେ ରୌପ୍ୟ ଏବଂ ରୁଦ୍ରପ୍ରସାଦ ପ୍ରଧାନ, ନିବେଦିତା ପଣ୍ଡା, ସ୍ୱୟଂମ୍ ମହାପାତ୍ର ଫାଇଟରେ କାଂସ୍ୟ ପଦକ ପାଇଥିବା ବେଳେ ଶ୍ରିୟାରାନୀ ସୁବୁଦ୍ଧି କାଟାରେ କାଂସ୍ୟ ପଦକ ହାସଲ କରିଥିବା ପ୍ରଶିକ୍ଷକ ଗୋପାଳ କହଁର ସୂଚନା ପ୍ରଦାନ କରିଛନ୍ତି ।

# ଟାଟା କମ୍ପାନୀର ଶୋଷଣ ବିରୋଧରେ ଆପ୍‌ର ଗର୍ଜନ




ବରଗଡ଼ (ନିପ୍ର) : ଟାଟା କମ୍ପାନୀର ଶୋଷଣ ବିରୁଦ୍ଧରେ ଆମ୍ ଆଦମୀ ପାର୍ଟିର ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ । ୨୦୦ ୟୁନିଟ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ସମସ୍ତ ପରିବାରଙ୍କୁ ବିନାମୂଲ୍ୟରେ ବିଦ୍ୟୁତ ଯୋଗାଇବାକୁ ଆପ୍ ଦାବୀ କରିଛି । ସେହିପରି ଏରିଅର ଅସୁଲିକୁ ବିରୋଧ କରିବା ସହ ଅଘୋଷିତ ପାୱାର କଟ୍ ଓ ୨୪ ଘଣ୍ଟା ବିଦ୍ୟୁତ ସରବରାହ ରଖିବାକୁ ଆମ୍ ଆଦମୀ ପାର୍ଟି ଦାବୀ କରିଛି ।

ରବିବାର ଗାନ୍ଧୀଛକଠାରେ ଏକ ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ ଭବାନୀ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମହିଳା ନେତ୍ରୀ ମରିୟମ ବାର୍ଲା, ଅସିତ ସାହୁ, ସତ୍ୟବ୍ରତ ସାହୁ, ଦିଲୀପ ବାର୍ଲା, ଗୁରୁପ୍ରୀତ ସିଂ, ସିଲାସ ଲୁଗୁନ, ସବିତା ମଲ୍ଲିକ ଉପସ୍ଥିତ ଥିଲେ ।

# ଟ୍ୱିଟରରେ ଅଭିଯୋଗ ପରେ ଟ୍ରାନ୍ସଫରମର ଚାରିପଟେ ନିର୍ମାଣ ହେଲା କାନ୍ଥ

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଫଟାବାହାଲ ଗାଁରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର୍‌ର ଚାରିପଟେ ତାର ବାଡ଼ ନଥିବାରୁ ବହୁତ ଅସୁବିଧା ହେଉଥିଲା । ତାର ବାଡ଼ ନଥିବାରୁ ବହୁତ ସମୟରେ ଛେଳି, ମେଣ୍ଢା, ଗାଈ, ଗୋରୁ ପଶି ଯାଉଥିଲେ । ଅନେକାଂଶରେ ଦୁର୍ଘଟଣା ଘଟିବାରୁ ବଞ୍ଚିତ ହେଉଥିଲା । ବିଭିନ୍ନ ଯନ୍ତୁ ପଶିବାର ଡର ଥିବାରୁ ଏହି ସମସ୍ୟା ବିଷୟରେ ପୂର୍ବରୁ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିଲେ । ଆଜି କରିବା କାଲି କରିବା କହି ଲୋକଙ୍କୁ କହି ଆସୁଥିଲେ । କିଛିଦିନ ଏହି ବାଟରେ କିଛି ସ୍ୱେଚ୍ଛାସେବୀ ମାନେ ଯାଉଥିବା ବେଳେ କିଛି ବଳଦ ପଶି ଯିବାର ଦେଖିଥିଲେ ।

ତେବେ ଏପରି ଖୋଲା ରହିଲେ ନିଶ୍ଚିନ୍ତ କିଛି ଦୁର୍ଘଟଣା ଘଟିବା ଜାଣି ସେମାନେ ସମସ୍ୟା ସଂପର୍କରେ ବଲାଙ୍ଗିରର ସମାଜସେବୀ ବିଳାସିନୀ ରଣାଙ୍କୁ ଜଣାଇ ଏହି ସମସ୍ୟାକୁ ଟ୍ୱିଟର ଯୋଗେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ କହିଥିଲେ । ସମସ୍ୟା ଜାଣି ବିଳାସିନୀ ଏହି ସମସ୍ୟାକୁ ଟ୍ୱିଟର ଯୋଗେ ବଲାଙ୍ଗିର ଜିଲ୍ଲାପାଳ, ବିଦ୍ୟୁତ ବିଭାଗ ଓ ଟାଟା ପାୱାରଙ୍କୁ ଜଣେଇ ତୁରନ୍ତ ଖମ୍ବ ଚାରିପଟେ ବାଡ଼ ଦେବାକୁ ଅଭିଯୋଗ କରିଥିବା ବେଳେ ଅଭିଯୋଗ ପାଇଲା ପରେ ବିଦ୍ୟୁତ ବିଭାଗର ନିର୍ଦ୍ଦେଶ କ୍ରମେ ଟାଟା ପାୱାର ଯୁଦ୍ଧକାଳୀନ ଭିତ୍ତିରେ ସେଠାରେ ବାଡ଼ ନିର୍ମାଣ କରିଛନ୍ତି । ବାଡ଼ ନିର୍ମାଣ ହେବାପରେ ଗ୍ରାମବାସୀ ଅତ୍ୟନ୍ତ ଖୁସି ହୋଇ ବିଳାସିନୀ ରଣାଙ୍କୁ ଗ୍ରାମବାସୀମାନେ ଅନେକ ଅଭିନନ୍ଦନ ଜଣାଇଛନ୍ତି ।

## ବଡଦେଓଙ୍କ ପୌଷଯାତ୍ରା ପାଳନ ପାଇଁ ଗୋଣ୍ଡ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ

ପାଟଣାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଲାଙ୍ଗିର ବ୍ଲକ ଡଙ୍ଗାଘାଟଠାରେ ମଲ୍ଲିକ ବଂଶ ଗୋଣ୍ଡ ସମାଜ ପକ୍ଷରୁ ଇଷ୍ଟ ଦେବତା ବୁଢାଦେଓଙ୍କ ପୌଷଯାତ୍ରା ପାଳନ କରିବା ପାଇଁ ଡଙ୍ଗାଘାଟ ବଡଦେଓଙ୍କ ମନ୍ଦିର ପରିସରରେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁରଲି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ପୌଷମାସ ଶୁକ୍ଳ ପକ୍ଷ ଦଶମୀ ଦିନ ତା ୧୨/୧/୨୨ ବୁଧବାର ଦିନ ଡଙ୍ଗାଘାଟ ବଡଦେଓଙ୍କ ପୀଠରେ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏଥିରେ ରାହାସ ବିହାରୀ ମଲ୍ଲିକ, କାମରାଜ ମଲ୍ଲିକ, ଲଳିତ ମଲ୍ଲିକ, ଭିଷ୍ମ ମଲ୍ଲିକ, ଦିଲିପ ମଲ୍ଲିକ, ସୁରଥ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, କୁଶଧ୍ୱଜ ମଲିକ, ଚୈତନ୍ୟ ମଲିକ, କୁବେର ମଲିକ, ଦେହେଲିଆ କୁବେର ମଲିକ, ରଞ୍ଜିତ କୁମୁରା, ନାରଦ ମଲିକ, ଟିକେଲାଲ୍ ଧାରୁଆ, ଦନାର ମଲ୍ଲିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । କୋଭିଡ କଟକଣା ନିୟମ ଅନୁସାରେ ପାଳନ କରାଯିବ ବୋଲି ଆଲୋଚନା କରାଯାଇଥିଲା । ଶୋଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନାଥ ଭଉଣୀଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ୍ କରେଇଲେ ସମାଜସେବୀ



କଳାହାଣ୍ଡି, (ନିପ୍ର) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଧାମନପୁର ଗାଁରେ ରହୁଥିଲେ ତିନି ଜଣ ବାପ ମା' ଛେଉଣ୍ଡ ଛୁଆ । ପିତା ମାତାଙ୍କ ଦେହାନ୍ତ ପରେ ସେମାନେ ବହୁତ ଅସୁବିଧାରେ ରହୁଥିବା ବେଳେ ଆହା ପଦେ କହିବାକୁ ମଧ୍ୟ କେହି ନଥିଲେ । ଯାହା ମିଳିଲା ସେଥିରେ ତିନି ଭଉଣୀ ସନ୍ତୁଷ୍ଟ ହେଉଥିଲେ । ସୂଚନା ଅନୁଯାୟୀ ଧାମନପୁର ଗାଁର ଭୀମ ମାଝୀ କିଛି ବର୍ଷ ପୂର୍ବରୁ କୌଣସି ରୋଗରେ ଆକ୍ରାନ୍ତ ହୋଇ ଦେହାନ୍ତ ହୋଇଥିବା ବେଳେ ସେବତୀ ମାଝୀ ତାଙ୍କର ତିନି ସରୋଜିନୀ ମାଝୀ, ସାବିତ୍ରୀ ମାଝୀ ଓ ପୂର୍ଣ୍ଣମୀ ମାଝୀଙ୍କୁ ନେଇ ରହୁଥିଲେ । ତେବେ ତାଙ୍କୁ ମଧ୍ୟ ବହୁତ ଜର ହୋଇ ୨୦୨୦ରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ତାଙ୍କର ଦେହାନ୍ତ ପରେ ତିନି ଝିଅ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ଖାଇବା, ରହିବା ଏପରିକି ଅନ୍ୟାନ୍ୟ କାର୍ଯ୍ୟ କିପରି କରିବେ ତାହାକୁ ନେଇ ସେମାନେ ଚିନ୍ତିତ ରହୁଥିଲେ । ଏହି ସମସ୍ୟା ବିଷୟରେ ଜାଣି ଆଦିବାସୀ ସଂଘ ଧର୍ମଗଡ଼ ଟିମ ପହଂଚି କିଛି ଆର୍ଥିକ ସାହାଯ୍ୟ ସହ କିଛି ରାସନ ସାମଗ୍ରୀ ଦେଇଥିବା ବେଳେ ସମସ୍ୟା ବିଷୟରେ ସ୍ୱେଚ୍ଛାସେବୀ ଶ୍ୟାମସୁନ୍ଦର ମାଝୀ ସମାଜସେବୀ ଯଶୋବନ୍ତ ରଣାଙ୍କୁ ଜଣାଇଥିଲେ । ସମସ୍ୟା ବିଷୟରେ ଜାଣିଲା ପରେ ସମାଜସେବୀ ଶ୍ରୀ ରଣା ତିନି ଛୁଆଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ପରେ ସେମାନଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କଠାରେ ଉପସ୍ଥିତ କରାଇ ଦୁଇ ଜଣ ଝିଅ ସାବିତ୍ରୀ ଓ ପୂର୍ଣ୍ଣମୀଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରାଯାଇଛି । ସେହିପରି ସେମାନେ ଗାଁ ସ୍କୁଲରେ ପାଠ ପଢିବା ସହ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଦୁଇଝିଅଙ୍କୁ ମାସିକ ୧୫୦୦ ସହ ଲେଖାଏଁ ମିଳିବ । ସମାଜସେବୀ ଶ୍ୟାମସୁନ୍ଦର ମାଝୀ ଓ ଯଶୋବନ୍ତ ରଣାଙ୍କ ଏପରି କାର୍ଯ୍ୟକୁ ଗ୍ରାମବାସୀମାନେ ବହୁ ପ୍ରଶଂସା କରିଛନ୍ତି ।

# ଗଂଦିଆରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ



ଢେଙ୍କାନାଳ (ନିପ୍ର) : ଗଂଦିଆ ବିଜୁ ଜନତା ଦଳ ତରଫରୁ ଗଂଦିଆ ମିନି ଷ୍ଟାଡିୟମରେ ୨୫ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ଓ ଗଂଦିଆ ବ୍ଲକ ସଭାପତି ବିଶ୍ୱ ନାଥ ଜେନାଙ୍କ ସଭାପତିତ୍ୱରେ ଆଜି ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲାର ପର୍ଯ୍ୟବେକ୍ଷକ ବିଜୟ ନାୟକ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରି ଦଳୀୟ କର୍ମୀଙ୍କୁ ପ୍ରଶଂସା କରିଥିଲେ । ଏହି ସଭାରେ ବ୍ଲକ ଯୁବ ସଭାପତି ପ୍ରଦୀପ ରାଉତ ମଞ୍ଚ ପରିଚାଳନା କରିବା ସହ ଗଂଦିଆ ବ୍ଲକ ଉପାଧ୍ୟକା ଗୀତାଞ୍ଜଳି ଭୂଇଁଆ, ଗଂଦିଆ ବ୍ଲକ ମହିଳା ସଭାନେତ୍ରୀ ସୁଭଦର୍ଶନୀ ପରିଡା, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଉପସଭାପତି ନବ ସାମଲ, ଉମେଶ ଜେନା, ସବ୍ୟସାଚୀ ପାତ୍ର, ଜୟ କୃଷ୍ଣ ବାରିକ ଓ ଅନ୍ୟ ବିଜୁ ଯୁବ ଛାତ୍ର ମହିଳା କର୍ମୀମାନେ ଉପସ୍ଥିତ ରହି ଆଜିର ପ୍ରତିଷ୍ଠା ଦିବସକୁ ସୁଚାରୁ ରୂପେ ପାଳନ କରିଥିଲେ, ପରିଶେଷରେ ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଟାବାଂଜି ପୋଲିସ ସବ୍‌ଡିଭିଜନ ଅଧିନରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଅଧିକାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଂଟାବାଂଜି, (ନିପ୍ର) : କଂଟାବାଂଜି ପୋଲିସ ସବ୍‌ଡିଭିଜନ ଅଧିନସ୍ଥ କଂଟାବାଂଜି, ମୁରିବାହାଲ, ବଙ୍ଗୋମୁଣ୍ଡା ଓ ତୁରେକେଲା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନାଧିକାରୀ, ସବ୍ ଇନ୍ସପେକ୍ଟର, ଏଏସ୍‌ଆଇ ଅଧିକାରୀମାନଙ୍କୁ ଶନିବାର ରାତିରେ କଂଟାବାଂଜି ଥାନା ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବଙ୍ଗୋମୁଣ୍ଡା ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ, ତୁରେକେଲା ଥାନାଧିକାରୀ ପ୍ରଣୟ ମୁର୍ମୁ, କଂଟାବାଂଜି ଏ.ଏସ.ଆଇ. ସୁଜ୍ଞାନି କୁମାର ବାରିକ, ଆକାଶ କୁମାର ସାମଲ ଓ ମୁରିବାହାଲ ଏ.ଏସ.ଆଇ. ଦେବାନନ୍ଦ ଓରାମ, ତୁରେକେଲା ବି.ଡି.ଓ. ଦେବାଶିଷ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ପୋଲିସ ଏସ.ଡି.ପି.ଓ. ଡ.ହୃଷିକେଶ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଥାନା ଆଇ.ଆଇ.ସି. ସତ୍ୟଜିତ କନ୍ଦନକେଲ, ସବ୍ ଇନ୍ସପେକ୍ଟର ପ୍ରଦିପ କୁମାର ଦୁରିଆ, ଏନ.ଏ.ସି. ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ଅବସରପ୍ରାପ୍ତ ସୈନିକ କାହ୍ନୁ ଚରଣ ମିଶ୍ର, କଂଟାବାଂଜି କେ.ଭି. କଲେଜ ଅଧ୍ୟାପକ ଡ. ସଂଜୟ କୁମାର ମିଶ୍ର ଅତିଥି ଭାବେ ମଂଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଥାନା ଆଇ.ଆଇ.ସି. କନ୍ଦନକେଲା ପରିଚାଳନା କରିଥିବା ବେଳେ ସବ୍ ଇନ୍ସପେକ୍ଟର ସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାନସିଂହ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ ଓ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ

ପଦ୍ମପୁର, (ନିପ୍ର) : ମାନସିଂହ ସାହିତ୍ୟ ସଂସଦ, ନନ୍ଦଳା, ପୁରୀର ସ୍ୱନକ୍ଷତ୍ର ଦିବସ ଓ ରାଜ୍ୟସ୍ତରୀୟ କବିତା ଆସର ୨୬ ଡିସେମ୍ବର ୨୦୨୧ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଆଦିକନ୍ଦ ସାହୁ, ଜ୍ଞାନଦୀପ ଅନୁଷ୍ଠାନ, ବ୍ରହ୍ମପୁରର ନିର୍ଦ୍ଦେଶକ ଡ଼ଃ. ଅଭିମନ୍ୟୁ ଜେନା, ବରଗଡ଼ର ସୁସାହିତ୍ୟିକ ପ୍ରେମାନନ୍ଦ ବେହେରା, ବିଶିଷ୍ଟ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଦଳେଇ, ରାମଲେଙ୍କା ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ବିଷୋୟୀ, ବ୍ରହ୍ମପୁରର ସୁସାହିତ୍ୟିକା ଶ୍ରୀମତୀ ଜୟନ୍ତୀ ବେହେରା, ଭୁବନେଶ୍ୱରର ବିଶିଷ୍ଟ ସାମ୍ବାଦିକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ସଭାପତି ବିଷ୍ଣୁପ୍ରସାଦ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଲଳିତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ବାର୍ଷିକ ମୁଖପତ୍ର "ଏଇ ସହକାର" ପାଠକାର୍ପଣ କରାଯାଇଥିଲା । ମାନସିଂହ ସାହିତ୍ୟ ସଂସଦ ସଂଯୋଜନାରେ ପ୍ରେମାନନ୍ଦ ବେହେରାଙ୍କ କବିତା ପୁସ୍ତକ "ହେ ମହାବାହୁ", ବିଦ୍ୟାଧର ଦଳବେହେରାଙ୍କ କବିତା ପୁସ୍ତକ " ମହକ", ଶ୍ରୀମତୀ ଭାରତୀ ହୋତାଙ୍କ କବିତା ପୁସ୍ତକ "ପ୍ରୀତିମଗ୍ନା", ଶ୍ରୀମତୀ ନୀହାରିକା ପଣ୍ଡାଙ୍କ କବିତା ପୁସ୍ତକ "ପ୍ରଜ୍ଞା ପୀୟୂଷର ଆବେଗ ପରଶ", ରାଧାମୋହନ ପୂଜାହାରୀଙ୍କ କବିତା ପୁସ୍ତକ "ସ୍ମରଣିକା", ଇଂ ଅଜୟ ମହାପାତ୍ରଙ୍କ ଗଳ୍ପ ସଂକଳନ "ଅସବର୍ଣ୍ଣ", ସୁରେଶ ଚନ୍ଦ୍ର ଚୌହାନଙ୍କ କାବ୍ୟ "ରଣସ୍ୱୀ" ଉନ୍‌ମୋଚନ ହୋଇଥିଲା । ଗଞ୍ଜାମର ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ, ତଥା ସୁସାହିତ୍ୟିକ ଲକ୍ଷ୍ମୀକାନ୍ତ ଦାସଙ୍କୁ "ମାନସିଂହ ସ୍ମୃତି ସମ୍ମାନ", ନୂଆପଡ଼ା ଜିଲ୍ଲାର ଜଣାଶୁଣା ନାରୀକବି ଶ୍ରୀମତୀ ଭାରତୀ ହୋତାଙ୍କୁ "ମାନସିଂହ କବିତା ସମ୍ମାନ", ଗଞ୍ଜାମର କବିତାଘର ସମ୍ପାଦକ, ଦକ୍ଷ ଶିକ୍ଷା ପ୍ରଶାସକ ତଥା ସୁସାହିତ୍ୟିକ ଭାଗିରଥୀ ବେହେରାଙ୍କୁ "ମାନସିଂହ ଗଳ୍ପ ସମ୍ମାନ", ବନବିହାରୀ ପଟ୍ଟନାୟକ, ନରସିଂହ ବିଶ୍ୱାଳ, ସଦାନନ୍ଦ ଗୌଡ଼ ଓ କିଶୋର ଚନ୍ଦ୍ର ବିଷୋୟୀଙ୍କୁ "ସାରସ୍ୱତ ସାଧକ ସମ୍ମାନ" ଏବଂ ବିଷ୍ଣୁପ୍ରସାଦ ଦଳେଇଙ୍କୁ "ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନୀତ କରାଗଲା । ଦ୍ୱିତୀୟ



ଅଧିବେଶନରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବରେ କାଶୀନାଥ ଜେନା, ଦାଶରଥି ପଡ଼ିଆରୀ ଏବଂ ଶ୍ରୀମତୀ ସୌଦାମିନୀ ମିଶ୍ରଙ୍କ ବଳିଷ୍ଠ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ପ୍ରାଙ୍ଗଣରୁ ଶତାଧିକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ । ସହସମ୍ପାଦକ ସହଯୋଗ କରିଥିଲେ । ଶେଷରେ ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଦାବୀପତ୍ର



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାର ପ୍ରାଥମିକ ଶିକ୍ଷକମାନେ ସର୍ବ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ ଏବଂ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ଆହ୍ୱାନ କ୍ରମେ ପୁରୁଣା ପେନସନ ସ୍କିମ୍ ଲାଗୁ କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଥିରେ ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବଦତ୍ତ ମେହେର, ସଂପାଦକ ହରେକୃଷ୍ଣ ରଥ, ରାଜ ଉପସଭାପତି ଶାନ୍ତିଲତା ସାହୁ, ଜାତୀୟ ପରିଷଦ ସଦସ୍ୟା ସବିତା ମହରା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଜୟନ୍ତୀଲାଲ ସାହୁ, ସମସ୍ତ ବ୍ଲକର ଶିକ୍ଷକବୃନ୍ଦ, କନିଷ୍ଠ ଶିକ୍ଷକ ସଂଘ ନେତା ଯୋଗଦାନ କରି ପାଞ୍ଚ ଦଫା ଦାବୀ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ସର୍ବ ଭାରତୀୟ ସ୍ତରରେ ଆନ୍ଦୋଳନକୁ ୨୦୨୧ରୁ ଆରମ୍ଭ କରି ଦାବୀଗୁଡିକର ପୁରଣ ପାଇଁ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ଏ.ଆଇ.ପି.ଟି.ଏଫ୍ ଆହ୍ୱାନ ଦେଇଛି । ପୁରୁଣା ପେନସନ ଲାଗୁ, ନିୟମିତ ଶିକ୍ଷକ ନିଯୁକ୍ତି, କେନ୍ଦ୍ରୀୟ ହାରରେ ପ୍ରାଥମିକ ଶିକ୍ଷକଙ୍କୁ ଦରମା, ଏନ୍ଇଏଫ୍ ୨୦୨୦ରେ ଥିବା ଶିକ୍ଷକ ମାରଣ ନୀତିକୁ ଉଚ୍ଛେଦ ଏବଂ ସବୁ ପିଲାଙ୍କୁ ଟୀକାକରଣ କରି ସ୍କୁଲ ଖୋଲିବା ସମ୍ବନ୍ଧରେ ଦାବୀ କରାଯାଇଥିଲା । ଶେଷରେ ବନମାଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନସେବା ପାଇଁ ଲୋକାର୍ପିତ ହେଲା କପିଳେଶ୍ୱର ଚାରିଟେବୁଲ ହସ୍ପିଟାଲ

ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ସମେତ ପଶ୍ଚିମ ଓଡିଶା ଲୋକଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟରେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଧର୍ମଶାଳା ମହାନଦୀ କୂଳରେ ନିର୍ମିତ କପିଳେଶ୍ୱର ଚାରିଟେବୁଲ୍ ହସପିଟାଲ ରାଜ୍ୟ ବାଣିଜ୍ୟ ଓ ପରିବହନମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଅଂଚଳବାସୀଙ୍କ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଏକ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ଦଳ ସମର୍ପିତ ସେବା ଯୋଗାଇବାର ସମୂହ ପ୍ରତିବଦ୍ଧତା ନେଇଛନ୍ତି । ଡା.ଲକ୍ଷ୍ମୀକାନ୍ତ ମହାପାତ୍ର, ଡା.ବେଣୁଧର ପାଣ୍ଡେ, ଡା.ପ୍ରକାଶ ଦଣ୍ଡସେନା, ଡା.ସ୍ୱପ୍ନେଶ୍ୱର ବେହେରା, ଡା.ରବୀନ୍ଦ୍ର ପ୍ରଧାନ ଓ ଡା. ରବୀନାରାୟଣ ତ୍ରିପାଠୀଙ୍କ ପରି ଅଭିଜ୍ଞ ଡାକ୍ତରଙ୍କୁ ନେଇ ଉଭୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ସଂପର୍କିତ ପରାମର୍ଶ ଯୋଗାଇ ଦିଆଯିବ ।

କାଳଜୟୀ ସୃଷ୍ଟି "ଶଳାବୁଢା"ର ଲେଖକ ଓ ସମାଜସେବୀ କପିଳେଶ୍ୱର ମହାପାତ୍ରଙ୍କ ସ୍ୱପ୍ନର ଚିକିତ୍ସାଳୟ ଉଦ୍‌ଘାଟିତ ହୋଇସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଏହି ହସପିଟାଲରେ ସାଧାରଣ ଲାପ୍ରୋସ୍କୋପି ସହ ଶଲ୍ୟ, ସ୍ତ୍ରୀ ରୋଗ ଓ ପ୍ରସୂତି, ଭେଷଜ, ଅସ୍ଥିଶଲ୍ୟ ଓ ପାଥୋଲୋଜି ପରି ବିଭାଗରେ ଅଭିଜ୍ଞ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ସେବା ଉପଲବ୍ଧର ଚୂଡାନ୍ତ ପ୍ରକ୍ରିୟା ସରିସାରିଛି । ପ୍ରାଥମିକ ସ୍ତରରେ ୧୦ଟି ସ୍ୱତନ୍ତ୍ର ଶଯ୍ୟା ରହିଥିବା ବେଳେ ଗୋଟିଏ ପ୍ରସୂତୀ କକ୍ଷ ସହ




ଏକ ଅସ୍ତ୍ରୋପଚାର କକ୍ଷ ଓ ସମସ୍ତ ନିଦାନ ପାଇଁ ଏକ ପରୀକ୍ଷାଗାର ରହିଛି । ଉଦ୍‌ଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ଗୁରୁ, ଅର୍ଥନୈତିଜ୍ଞ ସତ୍ୟେନ୍ଦ୍ର ପାଢୀ, ବିଶିଷ୍ଟ ଶିକ୍ଷାବିଦ୍ ଜୟଦେବ ଦଣ୍ଡସେନାଙ୍କ ସହ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଆଜିର ଦିନରେ ଲାଭାର୍ଥୀଙ୍କୁ ଉନ୍ନତ ଚିକିତ୍ସା ସେବା ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ କରାଯିବ ବୋଲି ଚେତନା ଟ୍ରଷ୍ଟ ମ୍ୟାନେଜମେଣ୍ଟର ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା ପ୍ରଖ୍ୟାତ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ପ୍ରକାଶ କରିଛନ୍ତି ।

## ରାଜବୋଡାସମ୍ବର ଖେଳପଡିଆରେ ନିଯୁକ୍ତି ମେଳା

ପଦ୍ମପୁର, (ନିପ୍ର) : ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ବରଗଡ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆଜି ପଦ୍ମପୁର ରାଜବୋରାସମ୍ବର ହାଇସ୍କୁଲ ପଡିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ନିଯୁକ୍ତି ମେଳାକୁ ପଦ୍ମପୁର ରାଜ ବୋଡସେମ୍ବର ବିଡିଓ ଶଙ୍କର୍ଷଣ ବେହେରା ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ନିଯୁକ୍ତି ମେଳାରେ ପଦ୍ମପୁର ଉପଖଣ୍ଡର ସମସ୍ତ ବ୍ଲକରୁ ଅନେକ ବେକାର ଯୁବକ ଯୁବତୀମାନେ ନିଜ ନିଜର ଯୋଗ୍ୟତା ଅନୁସାରେ ବିଭିନ୍ନ କର୍ମ ନିଯୁକ୍ତି ଯୋଜନାରେ ନିଜର ନାମ ପଞ୍ଜିକରଣ କରିଥିଲେ । ଏହି ନିଯୁକ୍ତି ମେଳାରେ ବହୁ ଯୁବକ ଯୁବତୀ ଯୋଗଦାନ କରି କାର୍ଯ୍ୟକ୍ରମର ଲାଭ ଉଠାଇଥିବା ବେଳେ ଏହା ଏକ ଉଚ୍ଚକୋଟୀର ପଦକ୍ଷେପ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ ।

## ଓମିକ୍ରନ୍ ସଂକ୍ରମଣକୁ .....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)


ଲୋକନାଥ ମନ୍ଦିର, ଦୁର୍ଗା ମନ୍ଦିର, ରାମଚରିତ ମାନସ ମନ୍ଦିର ଓ ନରସିଂହ ମନ୍ଦିରରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ଡିସେମ୍ବର ୩୧ରୁ ଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଦେବଦର୍ଶନ ମନା କରାଯାଇଛି । ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ ଏକ ଆଦେଶନାମାରେ ଏହି ଘୋଷଣା କରିଛନ୍ତି । ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଥିବା ବେଳେ ଜନଗହଳି ରୋକିବାକୁ ବିଶେଷ ପଦକ୍ଷେପ ନେଇଛି ଜିଲ୍ଲା ପ୍ରଶାସନ ।

















ନବବର୍ଷ-୨୦୨୨ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ । ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।

**ଶୁଭ୍ରାଂଶୁ ଶେଖର ପଣ୍ଡା**
ସରକାରୀ ସହକାରୀ ଆଇନଜୀବୀ, ବଲାଙ୍ଗିର

## ନବବର୍ଷର ଅଭିନନ୍ଦନ



ନବବର୍ଷ-୨୦୨୨ ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁଖ, ସମୃଦ୍ଧି ଓ ଆରୋଗ୍ୟ ପ୍ରାପ୍ତ ହୁଅନ୍ତୁ, ଜଗତର ଦୁଃଖ ଦୂର ହେଉ, ଜଗତବାସୀଙ୍କ ପାଇଁ ମଙ୍ଗଳମୟ ହେଉ ୨୦୨୨, ଜଗତସ୍ରଷ୍ଟାଙ୍କ ପାଖରେ ଏତିକି ପ୍ରାର୍ଥନା ।

**ଲକ୍ଷ୍ମଣ କୁମାର ମେହେର**
ବରିଷ୍ଠ ବିଜେଡ଼ି ନେତା ତଥା ପୂର୍ବତନ ବିଡ଼ିସିସି ସଭାପତି
ବଲାଙ୍ଗିର

## ନବବର୍ଷର ଅଭିନନ୍ଦନ

ନବ ବର୍ଷର ଅଭିନନ୍ଦନ । ପାଟଣାଗଡ଼ ବ୍ଲକର ତଥା ପଶ୍ଚିମ ଓଡ଼ିଶାର ସମସ୍ତଙ୍କୁ ନୂତନ ନବ ବର୍ଷର ଅଭିନନ୍ଦନ ।

କୋଭିଡ କଟକଣା ନିୟମ ମାନନ୍ତୁ, ମାସ୍କ ପିନ୍ଧି ସୁସ୍ଥ ରୁହନ୍ତୁ ।

**ନୀଳମାଧବ ସୁନା**
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଟଣାଗଡ଼ ବ୍ଲକ, ବଲାଙ୍ଗିର



## ନବବର୍ଷ-୨୦୨୨ ଶୁଭେଚ୍ଛା



ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ | ବିମଳ କିଶୋର ମିଶ୍ର
ସଦାଇପାଲି, ବଲାଙ୍ଗିର



ବିଜୁ ଜନତା ଦଳ

## ନୂତନ ବର୍ଷର ଅଭିନନ୍ଦନ ୨୦୨୨



ହିମାଞ୍ଚଳ ପଧାନ
ବିଧାୟକ ପ୍ରତିନିଧି, ପାଟଣାଗଡ

## ନବବର୍ଷ-୨୦୨୨ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



**ମୀନତି ବିଶି**
ସରପଞ୍ଚ

**ପ୍ରମୋଦ କୁମାର ବିଶି**
ନାଏବ ସରପଞ୍ଚ

ବହଳପଦର ଗ୍ରା.ପ., ପୁଇଁତଲା ବ୍ଲକ, ବଲାଙ୍ଗିର



## ନବବର୍ଷ ଅଭିନନ୍ଦନ

ନବବର୍ଷ-୨୦୨୨ ଅବସରରେ ବଲାଙ୍ଗିର ବ୍ଲକ୍ ତଥା ବଲାଙ୍ଗିର ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ।

**ଗୋଲାପ ବାଗ**
ଅଧ୍ୟକ୍ଷ, ସଦର ବ୍ଲକ, ବଲାଙ୍ଗିର



## ନବବର୍ଷ ଶୁଭେଚ୍ଛା

ପାଟଣାଗଡ଼ ବ୍ଲକର ତଥା ବଲାଙ୍ଗିର ଜିଲ୍ଲାର ସମସ୍ତ ଗୁରୁଜନ, ଭାଇଭଉଣୀ ମାନଙ୍କୁ ନୂତନ ବର୍ଷ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା । ଆପଣଙ୍କ ସୁଖସମୃଦ୍ଧି ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି ।

**ଶ୍ରୀମତୀ ପଦ୍ମିନୀ ସାହୁ**
ଉପାଧ୍ୟକ୍ଷା
ପାଟଣାଗଡ଼ ବ୍ଲକ, ବଲାଙ୍ଗିର



**ପଦ୍ମନାଭ ପୁରୋହିତ**
ଜିଲ୍ଲା ଉପନିବନ୍ଧକ, ବଲାଙ୍ଗିର

## ନବବର୍ଷ ଶୁଭେଚ୍ଛା

ନବବର୍ଷ-୨୦୨୨ ସମସ୍ତଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରୁ, ଜଗତର ମଙ୍ଗଳ ହେଉ । କରୋନା ଭଳି ମହାମାରୀର ବିନାଶ ହେଉ, ମାନବ ସମାଜ ସୁରକ୍ଷିତ ରହୁ । ଭଗବାନଙ୍କଠାରେ ଏତିକି କାମନା ।

Centurion UNIVERSITY
Shaping Lives...
Empowering Communities...

JITM +2 SCIENCE
(CHSE & CBSE)
B.Sc. | M.Sc. | BCA | D.PHARM | B.PHARM | CPS (AFFILIATED TO CBSE, NEW DELHI) | DMLT
Centurion Campus, IDCO Land, Behind BSNL Office, Balangir 7377905161, 8455816617

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu